# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 October – 2025

*********************************

## ମୁଖ୍ୟ ସମ୍ବାଦ

- ଜମି ସୀମା ନିର୍ଦ୍ଧାରଣ ପାଇଁ ଅନଲାଇନରେ ଆବେଦନ କଲେ ମିଳିବ ତାରିଖ; କହିଲେ ରାଜସ୍ୱ ମନ୍ତ୍ରୀ
- ଦୀପାବଳି ଉପଲକ୍ଷେ ଆସନ୍ତା ୨୦ ତାରିଖକୁ ଅତିରିକ୍ତ ଛୁଟିଦିନ ଘୋଷଣା କଲେ ରାଜ୍ୟ ସରକାର
- ପର୍ଯ୍ୟଟକଙ୍କ ପାଇଁ ଆଜିଠାରୁ ଖୋଲିଲା ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ

ଏବଂ

- ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆସନ୍ତା ମଙ୍ଗଳବାର ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା; ପ୍ରଭାବରେ ବଜ୍ରପାତ ସହ ବର୍ଷା ନେଇ ୭ଟି ଜିଲ୍ଲାକୁ ସତର୍କ ସୂଚନା

BBSR/R

# ଜମି ସୀମା ନିର୍ଦ୍ଧାରଣ

ଜମି ସୀମା ନିର୍ଦ୍ଧାରଣ– ଡିମାରକେସନ୍ ପାଇଁ ଅନଲାଇନ୍‌ରେ ଆବେଦନ କଲେ ତାରିଖ ମିଳିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ତହସିଲ ଅଧିକାରୀ, ଅମିନ ଏବଂ ପୁଲିସ କର୍ମଚାରୀ ଆସି ଜମିସୀମା ନିର୍ଦ୍ଧାରଣ କରିବେ। ୱେବସାଇଟ୍‌ରେ ପଞ୍ଜୀକରଣ ପରେ ଆବଶ୍ୟକୀୟ ଜମି କାଗଜପତ୍ର ସହ ଦେୟ ଦେବାକୁ ପଡ଼ିବ। ଆବେଦନ ଦାଖଲ ହେବାପରେ ତହସିଲଦାର ଆବେଦନର ଯାଞ୍ଚ କରି ମୋବାଇଲ ନମ୍ବରକୁ ତାରିଖ ପଠାଇବେ। ସେହିଦିନ ତହସିଲ ଅଧିକାରୀ ଓ ଅମିନ ଜମିର ସୀମା ନିର୍ଦ୍ଧାରଣ କରିବେବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**- V/O –**

BBSR/R

# ଦୀପାବଳି ଛୁଟି

ରାଜ୍ୟ ସରକାର ଆଲୋକର ପର୍ବ ଦୀପାବଳି ଉପଲକ୍ଷେ ଆସନ୍ତା ୨୦ ତାରିଖକୁ ଅତିରିକ୍ତ ଛୁଟି ଦିନ ଭାବେ ଘୋଷଣା କରିଛନ୍ତି। ପୂର୍ବରୁ ଘୋଷିତ ୨୧ ତାରିଖ ଛୁଟି ଦିନକୁ ମଧ୍ୟ ବଳବତ୍ତର ରଖାଯାଇଛି। ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ତେବେ ଆସନ୍ତା ୨୦ ତାରିଖ ଦିନ ନୂଆପଡ଼ା ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ମାଜିଷ୍ଟ୍ରେରିଆଲ କୋର୍ଟ ଖୋଲା ରହିବା ସହ ୨୧

ତାରିଖ ଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ଚଳିତ ମାସର ଚତୁର୍ଥ ଶନିବାର ୨୫ ତାରିଖକୁ ସରକାର କାର୍ଯ୍ୟଦିବସ ଭାବେ ଘୋଷଣା କରିଛନ୍ତି।

Desk

## ଆଦିକର୍ମଯୋଗୀ

ଆଦିକର୍ମଯୋଗୀ ଅଭିଯାନ ଅଧୀନରେ ଓଡ଼ିଶାକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ସମ୍ମାନିତ କରାଯାଇଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ମର୍ଯ୍ୟଦାଜନକ ସମ୍ମାନ ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ, ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତୀମୂଳକ ବିକାଶ ପ୍ରତି ଓଡ଼ିଶାର ଅଟଳ ପ୍ରତିବଦ୍ଧତାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସରକାର ଅଂଶଗ୍ରହଣମୂଳକ ଶାସନକୁ ସୁଦୃଢ଼ କରିବା ଏବଂ ବିକାଶର ଲାଭ ରାଜ୍ୟର ପ୍ରତ୍ୟେକ ଗ୍ରାମ ଏବଂ ଘରେ ପହଁଞ୍ଚାଇବା ପାଇଁ ସତଚେଷ୍ଟିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଦିକର୍ମଯୋଗୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ମୟୂରଭଞ୍ଜ ଜିଲ୍ଲାକୁ ସମ୍ମାନିତ କରାଯାଇଛି। ସେହିଭଳି ଧରତୀ ଆବା ଜନ ଭାଗିଦାରୀ ଅଧୀନରେ

ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ।

Desk

# ନୂଆପଡା ଉପନିର୍ବାଚନ

ନୂଆପଡା ଉପନିର୍ବାଚନ ପାଇଁ ଆଜି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ନାମାଙ୍କନପତ୍ର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମେତ ରାଜ୍ୟର ଅନ୍ୟ ମନ୍ତ୍ରୀ ଓ ବିଧାୟକଙ୍କ ଉପସ୍ଥିତିରେ ଶ୍ରୀ ଢୋଲକିଆ ନାମାଙ୍କନ ଦାଖଲ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଗତ ୧୧ ତାରିଖରେ ଶ୍ରୀ ଢୋଲକିଆ ଦଳରେ ସାମିଲ ହୋଇଥିଲେ।

କଂଗ୍ରେସ ପକ୍ଷରୁ ଘାସୀରାମ ମାଝୀ ଓ ଓଡ଼ିଶା ଜନତା ପାର୍ଟି ପ୍ରାର୍ଥୀ ଶୁକଧର ଦଣ୍ଡସେନା ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଦଳୀୟ କର୍ମକର୍ତ୍ତାଙ୍କ ସହ ଜିଲ୍ଲାରେ ପ୍ରଚାର କରିଛନ୍ତି। ସୂଚନାଥାଉ କି, ଆସନ୍ତା ମାସ ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ। ଆସନ୍ତା ସୋମବାର ଦିନ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ । ବି.ଜେ.ପି., ବି.ଜେ.ଡି. ଏବଂ କଂଗ୍ରେସ ପକ୍ଷରୁ ୪୦ ଜଣ ଲେଖାଏଁ ତାରକା ପ୍ରଚାରକ ତାଲିକା ପ୍ରକାଶ ପାଇଛି । ଏହା ପୂର୍ବରୁ ଗତକାଲି ଉପନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି, ଆଇନ୍‌ଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ରାଜ୍ୟ ମୁଖ୍ୟ ନିର୍ବାଚନ

ଅଧିକାରୀଙ୍କ ସ୍ତରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅବାଧ, ନିରପେକ୍ଷ ଓ ଭୟମୁକ୍ତ ନିର୍ବାଚନ ପାଇଁ  ପ୍ରଶାସନ ଓ ପୁଲିସ୍ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ସହ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଅଭିଯୋଗଗୁଡ଼ିକ ତତ୍କାଳ ସମାଧାନ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

Desk

## ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ଖୋଲିଲା

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ଆଜିଠାରୁ ପର୍ଯ୍ୟଟକଙ୍କ ପାଇଁ ପୁଣି ଖୋଲାଯାଇଛି । ଏସ୍.ଟି.ଆର୍. କ୍ଷେତ୍ର ନିର୍ଦ୍ଦେଶକଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ପ୍ରତ୍ୟେକ ଦିନ ସର୍ବାଧିକ ୬୦ଟି ଯାନ ଜାତୀୟ ଉଦ୍ୟାନ ମଧ୍ୟକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ। ପର୍ଯ୍ୟଟକମାନେ ସକାଳ ୫ଟାରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଯଶୀପୁରର ପ୍ରବେଶ ସ୍ଥାନରୁ ଏବଂ ସକାଳ ୮ଟାରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ବାରିପଦା ଡିଭିଜନର ପିଠାବଟା ପ୍ରବେଶ ସ୍ଥାନରୁ ଜାତୀୟ ଉଦ୍ୟାନ ପରିଦର୍ଶନ କରିପାରିବେ। ମୌସୁମୀ ଯୋଗୁଁ ଗତ ଜୁନ୍ ୩୦ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ବ୍ୟାଘ୍ର ଅଭୟାରଣ୍ୟକୁ ବନ୍ଦ ରଖାଯାଇଥିଲା।

Desk

## ଅତିରିକ୍ତ ବଜେଟ୍

ରାଜ୍ୟ ସରକାର ବିଧାନସଭାର ଶୀତକାଳୀନ ଅଧିବେଶନରେ ଚଳିତ ଆର୍ଥିକ ବର୍ଷ-୨୦୨୫-୨୬ ପାଇଁ ଅତିରିକ୍ତ ବଜେଟ୍ ଆଣିବେ। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତାବ ଦେବା ପାଇଁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଚିଠି

ଦିଆଯାଇଛି । ନିଜର ଆବଶ୍ୟକତା ଅନୁସାରେ ବିଭାଗଗୁଡ଼ିକ ଆସନ୍ତା ୩୧ ତାରିଖ ସୁଦ୍ଧା ପ୍ରସ୍ତାବ ଗୁଡ଼ିକ ଯୋଜନା ଓ ସଂଯୋଜନା ବିଭାଗ ଏବଂ ଅର୍ଥ ବିଭାଗ ନିକଟରେ ଦାଖଲ କରିବାକୁ ପତ୍ରରେ ଉଲ୍ଲେଖ ରହିଛି । ୪୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିଥିବା ବିଭାଗକୁ ସାଧାରଣ ବଜେଟ୍‌ରେ ଗ୍ରହଣ କରାଯିବ ନାହିଁ ବୋଲି ଚିଠିରେ ଉଲ୍ଲେଖ ଅଛି । ଧାର୍ଯ୍ୟ ସମୟ ଶେଷ ହେବାପରେ ଆସିଥିବା ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରାଯିବ ନାହିଁ । ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ରାଜ୍ୟର ରାଜସ୍ୱ ସଂଗ୍ରହରେ ଗତ ବର୍ଷ ତୁଳନାରେ ୨ ପ୍ରତିଶତ ଅଧିକ ବୃଦ୍ଧି ପରିଲକ୍ଷିତ ହୋଇଛି । ଅତିରିକ୍ତ ଖର୍ଚ୍ଚଦାବି ପ୍ରସ୍ତାବ ଉପସ୍ଥାପନ କରିବା ବେଳେ ସରକାରୀ ଯୋଜନାଗୁଡ଼ିକୁ ବିଚାର ନେବାକୁ ବିଭାଗକୁ ପରାମର୍ଶ ଦିଆଯାଇଛି ।

HS

## ଦୀପାବଳୀ ନିର୍ଦ୍ଦେଶନାମା

ଦୀପାବଳୀରେ ବାଣ ଫୁଟାଇବାକୁ ନେଇ କମିଶନରେଟ ପୁଲିସ ପକ୍ଷରୁ ନିର୍ଦ୍ଦେଶାନାମା ଜାରି କରାଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସବୁଜ ବାଣ ବିକ୍ରି ଓ ଫୁଟାଇବାକୁ ଅନୁମତି ପ୍ରଦାନ କରାଯାଇଛି । ଭୁବନେଶ୍ୱର ପୁଲିସ ଡେପୁଟି କମିଶନର ଜଗମୋହନ ମୀନା ଜନସାଧାରଣ ଦୀପାବଳି ଦିନ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ସୂଚନା ଦେଇଛନ୍ତି । ପୁଲିସ ପକ୍ଷରୁ ପଟ୍ରୋଲିଂକୁ କଡ଼ାକଡ଼ି

କରାଯାଇଛି । ବେଆଇନ ବାଣ ବିକ୍ରି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମୀନା କହିଛନ୍ତି ।

**- V/O –**

Desk

# ଧନ୍ୱନ୍ତରୀ ଦିବସ

କାର୍ତ୍ତିକ ମାସର କୃଷ୍ଣପକ୍ଷ ତ୍ରୟୋଦଶ ତିଥିରେ ଧନ୍ୱନ୍ତରୀ ଜୟନ୍ତୀ ପାଳନ କରାଯାଇଛି । ଦୀପାବଳିର ଦୁଇଦିନ ପୂର୍ବରୁ ଭଗବାନ ଧନ୍ୱନ୍ତରୀଙ୍କୁ ପ୍ରସନ୍ନ କରିବା ପାଇଁ ଆଜିର ଦିନରେ ପୂଜାର୍ଚ୍ଚନା କରାଯାଇଥାଏ । ଏହି ଦିନ ସୁନା, ରୂପା, ହୀରା ଆଦି କ୍ରୟ କରିବା ଅତ୍ୟନ୍ତ ଶୁଭ ବୋଲି ମାନ୍ୟତା ରହିଛି ।

ଧନତେରସ ପର୍ବ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ଦେଶବାସୀଙ୍କ ସୁଖ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି । ପ୍ରଭୁ ଧନନ୍ତ୍ୱରୀ ସମସ୍ତ ନାଗରିକଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ଶ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ଆଜିର ଦିନରେ ରାଜ୍ୟର ପ୍ରତ୍ୟେକ ପରିବାର ସୁଖ, ଶାନ୍ତି, ସମୃଦ୍ଧି ଓ

ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିବା ସହ ଚାଷୀ, ଶ୍ରମିକ, ମହିଳା ଓ ଯୁବପିଢ଼ିଙ୍କ ପାଇଁ ସଫଳତାର ନୂତନ ଦ୍ୱାରା ଉନ୍ମୁକ୍ତ ହେଉ।

Ganjam

## କଳା ଉତ୍ସବ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମେଡିକାଲ କ୍ୟାମ୍ପସ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ କଳା ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ପ୍ରଭାତୀ କୁମାରୀ ମହାପାତ୍ର ଏବଂ ଏସ୍.ଧନଞ୍ଜୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୧୩୦ ଜଣ ପ୍ରତିଯୋଗୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜୋନ୍‌ସ୍ତରୀୟ କଳା ଉତ୍ସବ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଛି।

BHK

## ଅଭିଯୋଜନ ନିର୍ଦ୍ଦେଶାଳୟ ଉଦ୍‌ଘାଟିତ

ଭଦ୍ରକ ଜିଲ୍ଲା ପୁରୁଣା କୋର୍ଟ ପରିସରରେ ନୂତନ ଅଭିଯୋଜନ ନିର୍ଦ୍ଦେଶାଳୟର କାର୍ଯ୍ୟାଳୟକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉଦ୍‌ଘାଟନ କରିଛନ୍ତି। ଏହି ନିର୍ଦ୍ଦେଶାଳୟ କାର୍ଯ୍ୟକ୍ଷମ ହେବା ଯୋଗୁଁ ଅପରାଧିକ କାର୍ଯ୍ୟକଳାପରେ  ଅଙ୍କୁଶ ଲାଗିବ ବୋଲି ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ମତବ୍ୟକ୍ତ କରିଛନ୍ତି।

Ganjam

## ବିକଶିତ ଭାରତ ସମ୍ମିଳନୀ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଶୀତଳାପଲ୍ଲୀସ୍ଥିତ ପାରଳା ଯାନ୍ତ୍ରିକ ମହାବିଦ୍ୟାଳୟରେ ଉଦ୍ୟୋଗ ବିକାଶ ଏବଂ ବିକଶିତ ଭାରତ ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିପିୟୁଟିର ପୂର୍ବତନ କୁଳପତି ପ୍ରଫେସର ଓମକାର ନାଥ ମହାନ୍ତି ମୁଖ୍ୟ ଅତିଥିଭାବେ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମିତାଲି ଚିନ୍ନାରା, ନୀତି ଆୟୋଗର ନିର୍ଦ୍ଦେଶକ ପ୍ରଫେସର ପ୍ରଭାକର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଦକ୍ଷତା ଓ ନବସୃଜନ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ୬୦ ଜଣ ଗବେଷିକା ସନ୍ଦର୍ଭ ପାଠ କରିଥିଲେ।

Kalahandi

## ଆକାଶବାଣୀ– ସ୍ୱଚ୍ଛତା ଅଭିଯାନ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଆକାଶବାଣୀ ଏବଂ ଦୂରଦର୍ଶନ କେନ୍ଦ୍ରର ମିଳିତ ଉଦ୍ୟମରେ ଭବାନୀପାଟଣା ନିକଟସ୍ଥ ଶଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟର ଉପ ମହାନିର୍ଦ୍ଦେଶକ ମୁଖ୍ୟ ମନ୍ଦନ କୁମାର ସିଂହ ଏବଂ ଆକାଶବାଣୀର ସହାୟକ ଗ୍ରନ୍ଥାଗାରିକ ଓ ସୂଚନା ଅଧିକାରୀ ଦିଲ୍ଲୀପ କୁମାର ପାତ୍ର ଏବଂ ଦୂରଦର୍ଶନ ଆକାଶବାଣୀର ସମସ୍ତ କର୍ମଚାରୀ, ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସାମିଲ ହୋଇ

ବିଦ୍ୟାଳୟ ପରିସର ସଫେଇ କରିବା ସହ ନିଜେ ସ୍ୱଚ୍ଛ ରହିବା ଓ ନିଜ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ବାର୍ତ୍ତା ଦେଇଥିଲେ ।

Desk

## ପାଣିପାଗ

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆସନ୍ତା ମଙ୍ଗଳବାର ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପଶ୍ଚିମ–ଉତ୍ତର ପଶ୍ଚିମ ଦିଗକୁ ଗତ କରି ଏହା ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ବଜ୍ରପାତ ସହ ବର୍ଷା ହେବା ନେଇ ୭ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।